# ଶିଶୁ ବିକାଶ  ପ୍ରକଳ୍ପ ଅଧିକରୀଙ୍କ କାର୍ଯ୍ୟାଳୟ, ତିହିଡି

ବିଜ୍ଞାପନ ସଂଖ୍ୟା ..୬୨୨....../          ତାରିଖ.୨୪..୦୮..୨୦୨୬//

**Important Dates**

| | |
|---|---|
| Date of Opening of Application Submission | 25/08/2026 |
| Last Date of Submission of Application | 10/09/2026 |
| Date of Verification of Documents | **11/09/2026, 11.00AM to 5.00P.M (Reporting Time)** |

ଏତଦ୍ଵରା ସୂଚିତ କରାଯାଉଅଛି କି  ଶିଶୁ ବିକାଶ  ପ୍ରକଳ୍ପ ଅଧିକରୀଙ୍କ କାର୍ଯ୍ୟାଳୟ, ତିହିଡି ଅନ୍ତର୍ଗତ ନିମ୍ନରେ  ପ୍ରଦତ୍ତ ଅଙ୍ଗନବାଡି କେନ୍ଦ୍ର ପାଇଁ ଅଙ୍ଗନବାଡି କର୍ମୀ ନିୟୋଜିତ କରିବା ନିମନ୍ତେ କେବଳ ମହିଳା ପ୍ରାର୍ଥୀନୀମାନଙ୍କଠାରୁ ଦରଖାସ୍ତ ଆହ୍ଵାନ କରାଯାଇଛି । ପ୍ରଦତ୍ତ ନିୟମାବଳୀ  ଅନୁସାରେ ଯେଉଁ ପ୍ରାର୍ଥୀନୀମାନେ ଯୋଗ୍ୟ ବିବେଚିତ , ସେମାନେ ଆସନ୍ତା **ତା ୨୫.୦୮.୨୦୨୬ରିଖ ଠାରୁ ତା ୧୦.୦୯.୨୦୨୬ରିଖରେ** Online ମାଧମରେ ଏହି ୱେବସାଇଟି(**https://engagement-awc.odisha.gov.in**)ରେ Public Sign ରେ Registration  କରି Public Login କରି USER ID  & Password  କୁ ଯାଇ ଆବଶ୍ୟକ ହେଉଥିବା ସମସ୍ତ ମୂଳ (Original ) ପ୍ରମାଣ ପତ୍ର upload କରି ଦରଖାସ୍ତ ଆବେଦନ କରିବେ ।**ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ ତା ୧୦.୦୯.୨୦୨୬ରିଖ ଅଟେ**।ଦରଖାସ୍ତରେ  କୌଣସି ତ୍ରୁଟି ପରିଲକ୍ଷିତ ହେଲେ କିମ୍ବା ଯେକୌଣସି ଦିଗ ରୁ ଅସମ୍ପୂର୍ଣ୍ଣ ତଥା ଆବଶ୍ୟକୀୟ ପ୍ରମାଣ ପତ୍ର ଅଭାବ ଜନିତ କାରଣରୁ  ଦରଖାସ୍ତ ପତ୍ରକୁ ନିମ୍ନ ସ୍ଵାକ୍ଷରକାରୀ ନାକଚ କରିପାରିବେ ଏବଂ କୌଣସି କାରଣ ନ ଦର୍ଶାଇ ବିନା ନୋଟିସରେ  ଅଙ୍ଗନବାଡି କର୍ମୀ ନିୟୋଜନକୁ  ଯେକୌଣସି ମୁହୂର୍ତ୍ତରେ  ସ୍ଥଗିତ  କିମ୍ବା ବାତିଲ କରିପାରିବେ । ଏଥିପାଇଁ କର୍ତ୍ତୃପକ୍ଷ ଉତ୍ତରଦାୟୀ ରହିବେ ନାହିଁ। ଆବଶ୍ୟକହେଲେଶୁଦ୍ଧିପତ୍ର (corrigendum ) ପ୍ରକାଶକରାଯିବ।

ଅଙ୍ଗନବାଡି କର୍ମୀ ପଦ  ପୂରଣ ନିମନ୍ତେ ଖାଲିଥିବା ନିମ୍ନଲିଖିତ ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ ତାଲିକା ନିମ୍ନରେ ଦିଆଗଲା ।

| କ୍ର । ନଂ | ଗ୍ରାମ ପଞ୍ଚାୟାତ/ ଏନ .ଏ .ସି ର ନାମ | ଅଙ୍ଗନବାଡି କେନ୍ଦ୍ରର ନାମ | ଅଙ୍ଗନବାଡି କେନ୍ଦ୍ର  ପରିସର ଭୁକ୍ତ ଗ୍ରାମ/ ସାହି / ୱାର୍ଡ / ପଡା ର ନାମ ( ଅଙ୍ଗନ୍ବାଡି କେନ୍ଦ୍ର ର ସେବା କ୍ଷେତ୍ର ଅନୁଯାୟୀ) |
|---|---|---|---|
| ୧. | ପାଳିଆ ବିନ୍ଧା | ଜିଝାରପୁର୍ | କାନହୁ ମଳିକ୍, ଘର ନଂ ୦୧ ରୁ ଖଗେଶ୍ଵର୍ ମଳିକ୍ , ଘର ୧୪୫ |
| ୨ | ହରସିଂପୁର | ହରସିଂପୁର-୨ | ହରସିଂପୁର-୨  ଅଙ୍ଗନବାଡିକେନ୍ଦ୍ର,ହରସିଂପୁରପଞ୍ଚାୟାତରୱାର୍ଡ  ନଂ  ୦୭ (ଚିନ୍ତାମଣି ମିଶ୍ର, ଘର ନଂ ୦୧ ରୁ କାଳନ୍ଦୀ ଜେନା, ୱାର୍ଡ ନଂ ୯ ଘର ନଂ ୧୭୭) |
| ୩ | ବାହାବଳପୁର | କନ୍ଦୈଇବିନ୍ଧା | କନ୍ଦୈଇବିନ୍ଧା ଅଙ୍ଗନବାଡିକେନ୍ଦ୍ର, ବାହାବଳପୁରଗ୍ରାମ ପଞ୍ଚାୟାତରୱାର୍ଡ ନଂ ୮ (ଯସୋଦା ମଳିକ, ଘର ନଂ ୦୧ ରୁ ୱାର୍ଡ ନଂ ୯ ପ୍ରତାପ ମହାରଣା , ଘର ନଂ ୧୩୪) |

**ଅଙ୍ଗନବାଡି କର୍ମୀ ପଦ ନିମନ୍ତେ ଆବଶ୍ୟକୀୟ ଯୋଗ୍ୟତା**

୧. ପ୍ରାର୍ଥୀନୀ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ରର  ସେବା ଅଂଚଳରେ ଜଣେ ମହିଳା ହୋଇଥିବେ ।  ତେବେ ଅଙ୍ଗନବାଡି କେନ୍ଦ୍ର ଅଞ୍ଚଳରୁ ଯୋଗ୍ୟ ପ୍ରାର୍ଥୀ ଉପଲବ୍ଧ ନ ହେଲେ ସେହି ଗାଁ ଅଞ୍ଚଳରୁ ଅନ୍ୟ ପ୍ରାର୍ଥିନୀ ନିଆଯାଇପାରେ ।ଯଦି ଗାଁ ଅଞ୍ଚଳରୁ ଯୋଗ୍ୟ ପ୍ରାର୍ଥୀନୀ ଉପଲବ୍ଧ ନ ହୁଅନ୍ତି , ତେବେ ଗ୍ରାମପଞ୍ଚାୟାତ ଅଞ୍ଚଳ ମଧ୍ୟରେ ଥିବା ଆଖପାଖ ଗ୍ରାମର ପ୍ରାର୍ଥିନୀଙ୍କୁ ଅଙ୍ଗନ୍ବାଡି କର୍ମୀ ଚୟନ ପାଇଁ ବିଚାର କରାଯାଇପାରେ। ସେଥିପାଇଁ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର ଦରଖାସ୍ତ ସହ ସଂଲଗ୍ନ କରାଯିବା।ସ୍ଥାୟୀ ବାସିନ୍ଦାର  ପ୍ରମାଣ ପତ୍ର ସମ୍ପୃକ୍ତ ତହସିଲଦାରଙ୍କ ଠାରୁ ଗ୍ରହଣ କରିବେ  ଏବଂ ଏହା ଆଦେଶ ପାଇଥିବା ତାରିଖ ଠାରୁ ୫ ବର୍ଷ ବଳବର୍ତ୍ତ ରହିବ,ଯଦିଏହାତା୦୧-୦୧-୨୦୧୯ରିଖ ପରଠାରୁପ୍ରାପ୍ତହୋଇଥିବ।

୨.  ପ୍ରାର୍ଥୀନୀଙ୍କ ବୟସ ୧୮ ରୁ ୩୫ବର୍ଷ ମଧ୍ୟରେ ହୋଇଥିବା  ଆବଶ୍ୟକ । ତା ୦୧.୦୧.୨୦୨୬ ରିଖ ସୁଦ୍ଧା  ୧୮ବର୍ଷ ରୁ କମ ଏବଂ ୩୫ ବର୍ଷ ରୁ ଅଧିକ ହୋଇନଥିବା ଆବଶ୍ୟକ ।

୩. ପ୍ରାର୍ଥୀନୀଙ୍କର ସର୍ବ ନିମ୍ନ ଶିକ୍ଷ୍ୟାଗତ ଯୋଗ୍ୟତା ଦ୍ଵାଦଶ (+2) ପାସ ହୋଇଥିବା ଆବଶ୍ୟକ ।ଏଥିସହ ଅଙ୍ଗନବାଡି କର୍ମୀ ପାଇଁ ଓଡ଼ିଆ ଭାଷା ଜ୍ଞାନ ବାଧ୍ୟତାମୂଳକ । ତେଣୁ ଯଦି ପ୍ରାର୍ଥୀନୀ ଅନ୍ୟ ରାଜ୍ୟରୁ ଦ୍ଵାଦଶ ପାସ କରିଥିବେ, ତେବେ ଉକ୍ତ ଦ୍ଵାଦଶ

ଶ୍ରେଣୀ ପ୍ରମାଣ ପତ୍ର ସହ ଓଡ଼ିଆ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଓଡ଼ିଆ ଭାଷା ପାଇଁ ୭ ମ ଶ୍ରେଣୀ / ୧୦ ମ ଶ୍ରେଣୀ ପାସ ପ୍ରମାଣ ପତ୍ର ସଂଲଗ୍ନ କରିବେ।

୪. ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ହାସଲ କରିଥିବା ମାର୍କ ଅଧାରରେ ଆବେଦନକାରୀଙ୍କ Merit list ପ୍ରସ୍ତୁତ କରାଯିବ ।ପ୍ରଥମ ସୁଯୋଗରେ ଫେଲ ହୋଇଥିବା ବିଷୟରେ ପାଇଥିବା ମାର୍କକୁ କାଟିବା ଏବଂ ଉକ୍ତ ବିଷୟରେ ପରବର୍ତ୍ତୀ ପରୀକ୍ଷା ଦେଇ ପାସ ହେବା ପରେ ପ୍ରାପ୍ତ ମାର୍କକୁ ସେହି ସ୍ଥାନରେ ଯୋଡାଯିବ ଏବଂ ସେହି ଅନୁସାରେ ଶତକଡା ଗଣନା କରାଯିବ । ଏତଦ ବ୍ୟତୀତ ନିମ୍ନ ଲିଖିତ ଶ୍ରେଣୀଭୁକ୍ତ ପ୍ରାର୍ଥୀନୀ ମାନଙ୍କୁ ସରକାରଙ୍କ ଅଙ୍ଗନବାଡି କର୍ମୀ ଚୟନ ନିର୍ଦ୍ଦେଶାବଳୀ ଅନୁସାରେ ଅତିରିକ୍ତ ପଏଣ୍ଟ ପ୍ରଦାନ କରାଯାଇ FinalMeritlist ପ୍ରସ୍ତୁତ କରାଯିବ ।

| | |
|---|---|
| a) ଅନୁସୂଚିତ ଜନଜାତି (ST) / ଅନୁସୂଚିତ ଜାତି (SC) ହୋଇଥିଲେ | ୧୦ ପଏଣ୍ଟ |
| b) ବିଧବା ହୋଇଥିଲେ । | ୧୦ ପଏଣ୍ଟ |
| c) ଅନାଥ ଝିଅ (ଜୈବିକ କିମ୍ବା ଆଇନଗତ ପିତା ମାତା ନ ଥିବା) ହୋଇଥିଲେ । | ୧୦ ପଏଣ୍ଟ |
| d) ନିରାଶ୍ରୟ / ଛାଡପତ୍ର ପ୍ରାପ୍ତ / ପରିତ୍ୟକ୍ତା ମହିଳା ହୋଇଥିଲେ । | ୦୫ ପଏଣ୍ଟ |
| e) ଶାରୀରିକଅକ୍ଷମପ୍ରମାଣପତ୍ର (୪୦% ରୁଅଧିକ) | ୦୫ ପଏଣ୍ଟ |
| f) ଉଚ୍ଚ ଶିକ୍ଷ୍ୟାଗତ ଯୋଗ୍ୟତା ଥିଲେ । | ୦୫ ପଏଣ୍ଟ |
| g) ଯଦିପ୍ରାର୍ଥୀଅତୀତରେ ସମଗ୍ରଶିକ୍ଷା / ଏନ.ପି.ଇ.ଜି.ଇ.ଏଲ.ଅଧୀନରେ ଇ.ସି.ସି.ଇ. (ECCE) ୱାର୍କରଭାବରେକାର୍ଯ୍ୟ କରିଥିବେ। | ୦୫ ପଏଣ୍ଟ per year of service rendered with a ceiling of ୧୫ ପଏଣ୍ଟ |
| h) ଯଦିପ୍ରାର୍ଥୀଅତୀତରେ ଗାଁରେବାଲୱାଡ଼ିକେନ୍ଦ୍ରରେବାଲୱାଡ଼ିକର୍ମୀ ଭାବରେକାର୍ଯ୍ୟକରିଥିବେ। | ୦୫ ପଏଣ୍ଟ per year of service rendered with a ceiling of ୧୫ ପଏଣ୍ଟ |

୫. ପ୍ରାର୍ଥୀନୀ ଓଡ଼ିଆରେ ଲେଖି ଓ ପଢି ପାରୁଥିବା ଆବଶ୍ୟକ ।

୬. ଅଙ୍ଗନୱାଡି କେନ୍ଦ୍ରର ସହାୟିକା / ବାଲୱାଡି କର୍ମୀଙ୍କର ଯଦି ଉପର ଲିଖିତ ଯୋଗ୍ୟତା ଥିବ ଏବଂ ଅଙ୍ଗନୱାଡି କେନ୍ଦ୍ରର ସହାୟିକା / ବାଲୱାଡିକର୍ମୀ ଭାବରେ ୫ ବର୍ଷରୁ ଅଧିକ ନିରବଛିନ୍ନ ଭାବେ କାର୍ଯ୍ୟ କରିଥିବେ ତେବେ ସରକାରୀ ନୟମାନୁଯାୟୀ ତାଙ୍କର ପ୍ରାର୍ଥିତ୍ୱକୁ ଅଗ୍ରାଧିକାର ଭିତ୍ତିରେ ଚୟନ କରାଯିବ ।

୭. ଅଙ୍ଗନବାଡିକର୍ମୀଭାବେଚୟନପାଇଁଅଙ୍ଗନବାଡିସହାୟିକା/ବାଲୱାଡି କର୍ମୀଙ୍କକ୍ଷେତ୍ରରେ ସେ ଯେତେ ବର୍ଷ ଅଙ୍ଗନବାଡିସହାୟିକା/ବାଲୱାଡି କର୍ମୀଭାବରେ ସେବା କରିଛନ୍ତି, ସେତେ ବର୍ଷ ପର୍ଯ୍ୟନ୍ତ ତଥାସର୍ବାଧିକ୧୦ବର୍ଷପର୍ଯ୍ୟନ୍ତବୟସ କୋହଳ କରାଯାଇପାରିବ।

୮. ଅଙ୍ଗନବାଡି କର୍ମୀ ପଦଟି ସରକାର ପଦବାଚ୍ୟ ନ ହୋଇ ଏକ ସ୍ୱେଚ୍ଛାସେବିକା ହେତୁ ଅବୈତନିକ ଓ ସ୍ଥାନୀୟ ଲୋକସେବା ନିମନ୍ତେ ଉଦ୍ଦିଷ୍ଟ ହୋଇଥିବାରୁ ସେହି କାର୍ଯ୍ୟ ପାଇଁ ସରକାରଙ୍କ ତରଫରୁ ଉକ୍ତ ପଦବୀ ପାଇଁ ନିର୍ଦ୍ଦିଷ୍ଟ ଦରମା ବ୍ୟବସ୍ଥା ନାହିଁ କିମ୍ବା ଏହା ନିୟମିତ ସରକାରୀ ଚାକିରୀ ନୁହେଁ । ତେଣୁ ଓଡିଶା ସରକାରଙ୍କ ଓଡିଶା ସଂରକ୍ଷଣ ନିୟମ **(ORV) Act ,1975** କିମ୍ବା କର୍ମ ସଂସ୍ଥାନ ନିୟୋଜନ ଆଇନ ଏହି କ୍ଷେତ୍ରରେ ଲାଗୁ ହେବ ନାହିଁ କିମ୍ବା ଭବିଷ୍ୟତରେ ସରକାରୀ ପଦବାଚ୍ୟ ହେବ ବୋଲି ଦାବି କରିପାରିବେ ନାହିଁ ।

୯. ଯଦିଓ ଓଡିଶା ସଂରକ୍ଷଣ ନିୟମ (ORV) Act ,1975 ଏହି ଚୟନରେ ଲାଗୁ ହୋଇନାହିଁ । ମୁଖ୍ୟତଃ ଏସସି , ଏସଟି ଜନସଂଖ୍ୟା ଦ୍ୱାରା ଅଧିକୃତ ଗ୍ରାମ ଗୁଡ଼ିକରେ ଚୟନ କରାଯାଇଥିବା କର୍ମୀ ଏହି ସମ୍ପ୍ରଦାୟର ଯେ କୌଣସି ସମ୍ପ୍ରଦାୟର ହୋଇପାରନ୍ତି ଯେଉଁମାନେ ସଂଖ୍ୟାଗରିଷ୍ଠ ଅଟନ୍ତି । ତେବେଅନୁସୂଚିତଅଞ୍ଚଳରେଅନୁସୂଚିତଜନଜାତି/ଅନୁସୂଚିତଜାତିପ୍ରାର୍ଥୀଙ୍କୁପ୍ରାଥମିକତାଦିଆଯିବ।

୧୦. ଏହି ପଦବୀ ସମ୍ପୂର୍ଣ୍ଣ ଅସ୍ଥାୟୀ ସାନ୍ତ୍ୱନାମୂଳକ ଅଟେ । ସରକାରଙ୍କ ନିୟନ ଅନୁସାରେ ଅଙ୍ଗନବାଡି କର୍ମୀଙ୍କୁ ମାସିକ ଟ.୧୦,୦୦୦/- (ଦଶ ହଜାର ଟଙ୍କା ) ମାତ୍ର ସାନ୍ତ୍ୱନାମୂଳକ ମାନଦେୟ ପାଇବେ।

୧୧.ଅଙ୍ଗନବାଡି କର୍ମୀ ଭାବେ ମନୋନୀତ ହୋଇ କାର୍ଯ୍ୟରେ ନିୟୋଜିତ ହୋଇଥିବା ପ୍ରାର୍ଥୀନୀ ସାଧାରଣତଃ ୬୦ ବର୍ଷ ବୟସ ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖିବେ । ୬୦ବର୍ଷ ପରେ ପୁନଃ ନିୟୋଜିତ ହେବାକୁ ଚାହୁଁଥିବା କର୍ମୀ ମାନେ ସେହି ଉପାୟରେ ଇଚ୍ଛା ପ୍ରକାଶ କରିପାରିବେ , ଯାହାପାଇଁ ବିଭାଗ ଦ୍ୱାରା ସମୟ ସମୟରେ ବିଜ୍ଞପ୍ତି ପ୍ରକାଶ ପାଇବ ଓ ବିଭାଗର ଆଦେଶ ନଂ 3657 ତା 02.03.2019 ରିଖ ଅନୁଯାୟୀ ଅଙ୍ଗନବାଡି କର୍ମୀମାନଙ୍କୁ ପୁନଃ ନିୟୋଜିତ ହେବା ପାଇଁ ବୟସ ୨ ବର୍ଷ ବୃଦ୍ଧି ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି ।

ଦରଖାସ୍ତ ସହ ନିମ୍ନରେ ଦର୍ଶାଯାଇଥିବା ସମସ୍ତ ମୂଳ (Original ) ପ୍ରମାଣ ପତ୍ର Online ଆବେଦନ ସମୟରେ upload କରିବେ।

**ନିମ୍ନଲିଖିତ ପ୍ରମାଣ ପତ୍ର ଆବେଦନ କରିବା ସମୟରେ ଦାଖଲ କରିବେ।**

a) ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର । Govt. of Odisha, Revenue & Disaster Management Dept. Resolution No. RDM-GOEB-MISC-0039-2015-35875/R & DM dt.24.09.2018 ଅନୁଯାୟୀ)
b) ଜାତିଗତ ପ୍ରମାଣ ପତ୍ର ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ ।
c) ସମସ୍ତ ଶିକ୍ଷ୍ୟାଗତ ଯୋଗ୍ୟତାର ପ୍ରମାଣ ପତ୍ର ଓ ଦ୍ୱାଦଶ ପାସ୍ ର ମାର୍କ ସିଟ ।
d) ବୟସ ପ୍ରମାଣ ପତ୍ର ନିମନ୍ତେ ଦଶମ ପାସ୍ ର ପ୍ରମାଣପତ୍ର ।
e) ବିଧବା / ଅନାଥ / ଛାଡ଼ପତ୍ର ପ୍ରାପ୍ତ / ନିରାଶ୍ରୟ ହୋଇଥିଲେ ତତ ସମ୍ବନ୍ଧିୟ ପ୍ରମାଣ ପତ୍ର ।
f) ଶାରୀରିକଅକ୍ଷମପ୍ରମାଣପତ୍ର।
g) ଗୋଟିଏ ପାସପୋର୍ଟ Size ଫଟୋ।
h) ପ୍ରାର୍ଥୀନୀ ବିଜ୍ଞାପିତ ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳର ବାସିନ୍ଦା ବୋଲି ଏକ ଆଫିଡେଭିଟ୍ ଦାଖଲ କରିବେ I ଯଦି ଭବିଷ୍ୟତରେ ଏହା ଭୁଲ ବୋଲି ପ୍ରମାଣିତ ହୁଏ, ତେବେ ତାଙ୍କର ପ୍ରାର୍ଥିତ୍ୱ / ନିଯୁକ୍ତି ପତ୍ରକୁ ବାତିଲ କରାଯିବ ଓ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ସତ୍ୟପାଠରେ ଉଲ୍ଲେଖ ଥିବା ଆବଶ୍ୟକ।
i) ଅନ୍ୟାନ୍ୟଯଦିବିଜ୍ଞାପନଅନୁସାରେଆବଶ୍ୟକପ୍ରମାଣପତ୍ର।

ଅଙ୍ଗନବାଡି କର୍ମୀ ପଦବୀ ପାଇଁ ଇଚ୍ଛୁକ ପ୍ରାର୍ଥୀନୀ ମାନେ ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ ତା ୧୦.୦୯.୨୦୨୬ରିଖ ସୁଦ୍ଧା e-engagement portal (https://engagement-awc.odisha.gov.in)ରେ ଆବେଦନ କରିପାରିବେ । ଯେଉଁ ପ୍ରାର୍ଥୀନୀ ମୂଳ ପ୍ରମାଣ ପତ୍ରରେ ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଉପରୋକ୍ତ ଲିଙ୍କରେ ଆବେଦନ କରିପାରିବେ ନାହିଁ , ଉକ୍ତ ପ୍ରାର୍ଥୀନୀଙ୍କର ଆବେଦନ ଗ୍ରହଣ କରାଯିବ ନାହିଁ। ଆବେଦନ କରିବା ପରେ ଅନଲାଇନ୍ ଦରଖାସ୍ତ ଫର୍ମ ଏବଂ ତତ୍ ସହ ଅପଲୋଡ କରିଥିବା ସମସ୍ତ ପ୍ରମାଣପତ୍ରର ଅବିକଳ ନକଲ ସହ ଅପଲୋଡ କରିଥିବା ପାସପୋର୍ଟ Size ଫଟୋର ଏକ(୦୧) ଗୋଟି ଫଟୋ ସେଲଫ୍ ଆଟେଷ୍ଟେଡ୍ (Self-Attested) କରି ମୂଳ ପ୍ରମାଣପତ୍ର ଯାଞ୍ଚ ସମୟରେ ଶିଶୁ ବିକାଶ ପ୍ରକଳ୍ପ ଅଧିକରୀଙ୍କ କାର୍ଯ୍ୟାଳୟ, ତିହିଡିରେ ଦାଖଲ କରିବେ। ପ୍ରାର୍ଥୀନୀ ବିଜ୍ଞାପିତ ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳର ବାସିନ୍ଦା ବୋଲି ଏକ ଆଫିଡେଭିଟ୍ ମଧ ମୂଳ ପ୍ରମାଣପତ୍ର ଯାଞ୍ଚ ସମୟରେ ଶିଶୁ ବିକାଶ ପ୍ରକଳ୍ପ ଅଧିକରୀଙ୍କ କାର୍ଯ୍ୟାଳୟ, ତିହିଡିରେ ଦାଖଲ କରିବେ ।**ତା ୧୧.୦୯.୨୦୨୬ରିଖରେ** ସମନ୍ଵିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, **ତିହିଡିରେ** ମୂଳ ପ୍ରମାଣପତ୍ର ଯାଞ୍ଚ କରାଯିବ । ତେଣୁ ଆବେଦନ କରିଥିବା ପ୍ରାର୍ଥୀନୀମାନେ ଉକ୍ତ କାର୍ଯ୍ୟାଳୟରେ ସମୟ ଦିବା୧୧.୦୦ ଘଟିକା ଠାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ମୂଳ ପ୍ରମାଣପତ୍ର ସହ ଉପସ୍ଥିତ ରହିବେ ଅନ୍ୟଥା ତାଙ୍କ ଦରଖାସ୍ତକୁ ନାକଚ କରିଦିଆଯିବ ।

ଏହି ବିଜ୍ଞାପନ ପ୍ରକାଶନ ଠାରୁ ଚୟନ ପ୍ରକ୍ରିୟା ସମାପ୍ତ ମଧ୍ୟରେ ଯଦି ସରକାରଙ୍କ ଠାରୁ କୌଣସି ପରିବର୍ତ୍ତନ ନିର୍ଦ୍ଦେଶାବଳୀ ହସ୍ତଗତ ହୁଏ , ଯେ କୌଣସି ପରିସ୍ଥିତିରେ ବିଜ୍ଞାପନ ରଦ୍ଦ କରାଯାଇପାରିବ ।

**ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ**
**ତିହିଡି**
**Child Development Project Officer**
**Tihidi**

ପରିପତ୍ର ସଂଖ୍ୟା ....700...../ ତାରିଖ ..24.08.2025/
ଏହାର ଏକକିତା ନକଲ ଉପଜିଲ୍ଲାପାଳ , ଭଦ୍ରକ/ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ,ଭଦ୍ରକଙ୍କସଦୟ ଅବଗତି ନିମନ୍ତେ ଜଣାଇଦିଆଗଲା ।

**ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ**
**ତିହିଡି**
**Child Development Project Officer**
**Tihidi**

ପରିପତ୍ର ସଂଖ୍ୟା ....701...../ ତାରିଖ ..24.08.2025
ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନଅଧିକାରୀ , ତିହିଡି / ଗୋଷ୍ଠୀ ଶିକ୍ଷା ଅଧିକାରୀ , ତିହିଡି /ମେଡିକାଲ ଅଫିସର ,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ତିହିଡି /ଗୋଷ୍ଠୀସାମାଜିକସୁରକ୍ଷାଅଧିକାରୀ ,ତିହିଡିଙ୍କସଦୟଅବଗତି ନିମନ୍ତେ ଜଣାଇଦିଆଗଲା ।

**ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ**
**ତିହିଡି**
**Child Development Project Officer**
**Tihidi**

ପରିପତ୍ର ସଂଖ୍ୟା ...702...../ ତାରିଖ ..24..08..2026/
ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ଜଣାଇଦିଆଗଲା ।

25.08.25

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ତିହିଡି
Child Development Project Officer
Tihidi

ପରିପତ୍ର ସଂଖ୍ୟା ...703...../ ତାରିଖ ..24..08..26//
ଏହାର ଏକକିତା ନକଲସମ୍ପୃକ୍ତଭାରପ୍ରାପ୍ତଅଙ୍ଗନବାଡିକର୍ମୀଙ୍କ/ପରିଦର୍ଶିକାଙ୍କଅବଗତିନିମନ୍ତେପ୍ରେରଣାକରାଗଲା ,ସେମାନେଉକ୍ତଗ୍ରାମରସମସ୍ତମହିଳାମାନଙ୍କୁନୋଟିସମାଧ୍ୟମରେଜଣାଇବାସଙ୍ଗେସଙ୍ଗେଗ୍ରାମରଗୁରୁତ୍ୱପୂର୍ଣ୍ଣସ୍ଥାନରେଲଗାଇଦେବା ପାଇଁନିର୍ଦ୍ଦେଶଦିଆଗଲାତଥାବହୁଳପ୍ରଚାରନିମନ୍ତେଜଣାଇଦିଆଗଲାଏବଂଏହାରଏକକିତାନକଲଗ୍ରାମବାସୀଙ୍କସ୍ୱାକ୍ଷରସହଅତ୍ର କାର୍ଯ୍ୟାଳୟକୁ ତା ୦୧.୦୯.୨୦୨୬ରିଖସୁଦ୍ଧା ଫେରସ୍ତକରିବାପାଇଁଜଣାଇଦିଆଗଲା।

25.08.25

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ତିହିଡି
Child Development Project Officer
Tihidi

ପରିପତ୍ର ସଂଖ୍ୟା ...704......../ ତାରିଖ ..24..08..2026
ଏହାରଏକକିତାନକଲଶିଶୁବିକାଶ ପ୍ରକଳ୍ପ ଅଧିକାରୀଙ୍କକାର୍ଯ୍ୟାଳୟ, ତିହିଡି/ସମ୍ପୃକ୍ତ ଗ୍ରାମ ପଞ୍ଚାୟତକାର୍ଯ୍ୟାଳୟ/ପଂଚାୟତସମିତିକାର୍ଯ୍ୟାଳୟ,ତିହିଡିଙ୍କବିଜ୍ଞାପନଫଳକରେବହୁଳପ୍ରଚାରପାଇଁଲଗାଇଦିଆଗଲା ।

25.08.25.

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ତିହିଡି
Child Development Project Officer
Tihidi